# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**16 December – 2025**

## ଫାର୍ମା ସମ୍ମିଳନୀ

ଔଷଧ ଏବଂ ଚିକିତ୍ସା ଉପକରଣ ନିର୍ମାତା, ଷ୍ଟାର୍ଟଅପ୍ ଉଦ୍‌ଭାବକ ଏବଂ ଅଂଶୀଦାରମାନଙ୍କୁ ନେଇ ଭୁବନେଶ୍ୱରଠାରେ ଆଜି ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହେଉଛି । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୁଖ୍ୟଅତିଥି ଭାବରେ ଯୋଗଦେବେ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏବଂ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମଧ୍ୟ ଏହି ସମ୍ମିଳନୀରେ ଯୋଗଦେବେ । ସମ୍ମିଳନୀରେ ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି ୨୦୨୫ ଉନ୍ମୋଚନ, ଫାର୍ମାସ୍ୟୁଟିକାଲ ଓ ମେଡ଼ିକାଲ ଡିଭାଇସ ପାର୍କର ଶୁଭାରମ୍ଭ ହେବାର କାର୍ଯ୍ୟସୂଚୀ ରହିଛି । ଏହି ସମ୍ମିଳନୀରେ ୨୦୦ରୁ ଅଧିକ ଶିଳ୍ପପତି ଯୋଗଦେବା ସହ ଏକାଧିକ ବୁଝାମଣାପତ୍ର ସ୍ୱାକ୍ଷର ହେବ ବୋଲି ଜଣାଯାଇଛି ।

## ଶିକ୍ଷା ବିଲ୍

ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ୨୦୨୫ ଲୋକସଭାରେ ଆଗତ ହୋଇଛି । ଶିକ୍ଷାମନ୍ତ୍ରୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତକାଲି ଏହି ବିଲ୍ ଆଗତ କରିଥିଲେ । ଏଥିରେ ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକରେ ଉତ୍କର୍ଷ ଶୈକ୍ଷିକ ବାତାବରଣ, ଗବେଷଣା ଏବଂ ଉଦ୍ଭାବନ

କ୍ଷେତ୍ରକୁ ସଶକ୍ତ କରିବା ନେଇ ପ୍ରସ୍ତାବ ରହିଛି । ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ସ୍ୱାଧୀନ ଭାବେ ନିଜସ୍ୱ ପରିଚାଳନା ପରିଷଦ ଦ୍ୱାରା ପରିଚାଳିତ ହେବା ସଂକ୍ରାନ୍ତ ପ୍ରସ୍ତାବ ଏହି ବିଲ୍‌ରେ ରହିଥିବା ଜଣାପଡିଛି । ବିଲ୍ ଉପରେ ଅଧିକ ବିଚାରବିମର୍ଷ ପାଇଁ ଏହାକୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଯାଇଛି ।

## ଶ୍ରୀମନ୍ଦିର– ପହିଲି ଭୋଗ ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ମହାପ୍ରଭୁଙ୍କ ପହିଲିଭୋଗ ନୀତି ଆରମ୍ଭ ହେଉଛି। ପରମ୍ପରା ଅନୁଯାୟୀ ଆଜିଠାରୁ ମାସକ ପର୍ଯ୍ୟନ୍ତ ମା’ଲକ୍ଷ୍ମୀ ବାପଘରକୁ ଯାଇଥିବାରୁ ଏହି ସମୟରେ ମା’ ଯଶୋଦା ମହାପ୍ରଭୁଙ୍କ ନିମନ୍ତେ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି । ପହିଲି ଭୋଗରେ ମହାପ୍ରଭୁଙ୍କୁ ବିରି, ଗହମ ଚୁନା, ଘୃତ ପାଗ ହୋଇଥିବା ପିଠା ଓ ଧନୁମୁଆଁ ଲାଗି କରାଯାଇଥାଏ। ଗୋପାଳ ବଲ୍ଲଭ ନୀତିରେ ପହିଲିଭୋଗ ମହାପ୍ରଭୁଙ୍କ ନିକଟରେ ସମର୍ପଣ କରାଯାଇଥାଏ।

# ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଏଥିପାଇଁ ବ୍ରହ୍ମପୁର ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ମାର୍ଗଦର୍ଶିକା ଜାରି କରାଯାଇଛି । ହଳଦିଆ ପଦରପଟ୍ଟ, ଅନ୍ଧପସରା ଛକ ଅଭିମୁଖେ ଭାରିଯାନ ଯାତାୟାତ

ବନ୍ଦ କରାଯିବା ସହ ଗିରିଜାଛକ ପଟୁ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ଆଡକୁ ନଯାଇ ଯାନବାହନ କର୍ପୋରେସନ ରୋଡ଼ ପଟକୁ ଯିବା ନିମନ୍ତେ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତାକାଲି ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଟ୍ରାଫିକ ନିର୍ଦ୍ଦେଶାବଳୀ ବଳବତ୍ତର ରହିବ ।

## ଅପରେସନ ଧରପଗଡ

ରାଜ୍ୟକୁ ନିଶାମୁକ୍ତ କରିବା ତଥା ନିଶା କାରବାର ବନ୍ଦ କରିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ କିଛିଦିନ ଧରି 'ଅପରେସନ ଧରପଗଡ' ଆରମ୍ଭ କରାଯାଇଥିଲା । ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାରୁ ବିପୁଳ ପରିମାଣର ନିଶାଦ୍ରବ୍ୟ ଚୋରାଚାଲାଣ ଉପରେ ରୋକ ଲଗାଯିବା ସହିତ ହଜାର ହଜାର ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ଏହାସହିତ ୧୮ଜଣ ଅପରାଧିଙ୍କ ବିରୋଧରେ ଏନ୍‌ଏସ୍‌ଏ ମାମଲା ରୁଜୁ କରାଯାଇଛି । ସୂଚନାଯୋଗ୍ୟ ରାଜ୍ୟରେ ନିଶା କାରବାର ବିରୋଧୀ ପଦକ୍ଷେପ ନେବାକୁ ଆରକ୍ଷୀ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ନିର୍ଦ୍ଦେଶ ଦେଇଥିବାବେଳେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜୟ କୁମାରଙ୍କ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଜିଲ୍ଲାର ଏସ୍‌ପି ଏହି ଅଭିଯାନରେ ସାମିଲ ହୋଇଥିଲେ ।

## ଶିଶୁ କର୍କଟ-ବୁଝାମଣାପତ୍ର

ଶିଶୁ କର୍କଟ ରୋଗର ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଏବଂ କ୍ୟାନ୍ କିଡ୍‌ସ କିଡ୍‌ସ କ୍ୟାନ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

ହୋଇଛି । ଏଥିରେ ଶିଶୁ କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ ନିର୍ଣ୍ଣୟ ଏବଂ ଚିକିତ୍ସା ସୁବିଧା ସହିତ ଶିଶୁ ଏବଂ ପରିବାର ପାଇଁ ଆର୍ଥିକ ସୁରକ୍ଷା, ଯତ୍ନ, ସଚେତନତା ଏବଂ ରୋଗୀ କୈନ୍ଦ୍ରିକ ଗବେଷଣା ଅନ୍ତର୍ଭୁକ୍ତ ।

# କୃଷି ବିଦ୍ୟାନିଧି ଯୋଜନା

କୃଷି ବିଦ୍ୟାନିଧି ଯୋଜନାରେ ଆବେଦନ କରିବାର ସମୟ ବୃଦ୍ଧି କରାଯାଇଛି । ଛାତ୍ରଛାତ୍ରୀମାନେ ଆସନ୍ତା ୨୦ ତାରିଖ ସୁଦ୍ଧା ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ । ସେହିଭଳି ଶିକ୍ଷାନୁଷ୍ଠାନ ସ୍ତରରେ ଆବେଦନପତ୍ର ଯାଞ୍ଚ ପାଇଁ ୨୫ ତାରିଖକୁ ଶେଷ ତାରିଖ ଧାର୍ଯ୍ୟ କରାଯାଇଥିବାବେଳେ ଜିଲ୍ଲାସ୍ତରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀମାନେ ଜାନୁଆରୀ ୨୫ ତାରିଖ ସୁଦ୍ଧା ଆବେଦନ ଗୁଡ଼ିକର ଅନୁମୋଦନ କରି ରାଜ୍ୟସ୍ତରରେ ଛାତ୍ରବୃତ୍ତି ପ୍ରଦାନ ନିମନ୍ତେ ଉପସ୍ଥାପନ କରିବେ ।

# ମଧ୍ୟସ୍ଥତା ସମାଧାନ କାର୍ଯ୍ୟକ୍ରମ

ବିବାଦ ସମାଧାନର ବିକଳ୍ପ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ନୂଆପଡାଠାରେ ଏକ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଏହି ମଧ୍ୟସ୍ଥତା ତାଲିମ କାର୍ଯ୍ୟକ୍ରମ ଚାଲିବ । ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ ଓ ନୂଆପଡା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ହେଉଥିବା ଏହି କାର୍ଯ୍ୟକ୍ରମରେ ବିବାଦ

ସମାଧାନରେ କମ୍ ଖର୍ଚ୍ଚ, ଅଳ୍ପ ସମୟ ଏବଂ ଲୋକ କୈନ୍ଦ୍ରିକ ପଦ୍ଧତି ଭାବରେ ମଧ୍ୟସ୍ଥତାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି ।

## ସ୍କାଉଟ୍ ଗାଇଡ୍

ଖୋର୍ଦ୍ଧାଠାରେ ୨୭ତମ ଜିଲ୍ଲା ଭାରତ ସ୍କାଉଟ୍ ଗାଇଡ୍ କ୍ୟାମ୍ପୋରି ଉଦ୍‌ଘାଟିତ ହୋଇଛି । ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଏହି କ୍ୟାମ୍ପୋରିକୁ ଉଦ୍‌ଘାଟନ କରିଥିବାବେଳେ ଏହି ତିନିଦିନିଆ କାର୍ଯ୍ୟକ୍ରମରେ ୩୬୮ଜଣ ସ୍କାଉଟ୍ ଓ ୩୦୯ଜଣ ଗାଇଡ୍ ଛାତ୍ରଛାତ୍ରୀ ଯୋଗ ଦେଇଥିବା ଜଣାଯାଇଛି ।

## ପ୍ରତିଷ୍ଠା ଦିବସ

ଭଦ୍ରକ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ ।

## ବିଚ୍ ଭଲିବଲ ପ୍ରତିଯୋଗିତା

କେନ୍ଦ୍ରାପଡ଼ା ଜିଲ୍ଲାର ପେଣ୍ଠ ବେଳାଭୂମିରେ ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ସମୂହ ବିଚ୍ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଫାଇନାଲରେ ଉଭୟ ବାଳକ ଓ ବାଳିକା ବର୍ଗରେ

ବାଲେଶ୍ୱର ଜିଲ୍ଲା ଦଳ ଚମ୍ପିଆନ ହେବା ସହ ଗୋଆରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ବିଚ୍ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ।